# NATIONAL NEWS BULLETIN (ODIA)
## 8th August - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ସହରାଞ୍ଚଳ ସମବାୟ ବ୍ୟାଙ୍କ୍‌ପାଇଁ ଦୃଢ଼ ସାଇବର ସୁରକ୍ଷା ଏବଂ ସୁରକ୍ଷିତ ଡିଜିଟାଲ୍ କ୍ଷେତ୍ରର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ ସମବାୟ ମନ୍ତ୍ରୀ ।
- ଆଲୋଚନା ଓ ସମାବେଶୀ ପ୍ରକ୍ରିୟା ସାମ୍ବିଧାନିକ ପ୍ରତିଶ୍ରୁତି ବ୍ୟାବହାରିକ ଅର୍ଥ ପ୍ରଦାନ କରିଥାଏ; କହିଲେ ପ୍ରଧାନ ବିଚାରପତି ।
- ଏକାଦଶ ବ୍ରିକ୍ସ ସଂସ୍କୃତି ମନ୍ତ୍ରୀ ବୈଠକ ଭୋପାଳଠାରେ ଅନୁଷ୍ଠିତ ।
- ୩ ଶହ ଗିଗାୱାଟ୍ କ୍ଷମତାସମ୍ପନ୍ନ ଅଣଜୀବାଶ୍ମ ଇନ୍ଧନଭିତ୍ତିକ ଶକ୍ତିକ୍ଷେତ୍ର ପ୍ରତିଷ୍ଠା କରି ଭାରତର ଉଲ୍ଲେଖନୀୟ ସଫଳତା ।

ଏବଂ

- ନାବିକଙ୍କ ସୁରକ୍ଷା, ସମ୍ମାନ ଓ ସହଯୋଗକୁ ସୁନିଶ୍ଚିତ କରିବା ନେଇ ସରକାର ଅଙ୍ଗୀକାରବଦ୍ଧ; କହିଲେ ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ।

## ଅମିତ୍ ଶାହା – ମୁମ୍ବାଇ

ସହରାଞ୍ଚଳ ସମବାୟ ବ୍ୟାଙ୍କ୍‌ଗୁଡ଼ିକପାଇଁ ଦୃଢ଼ ସାଇବର ସୁରକ୍ଷା ଏବଂ ସୁରକ୍ଷିତ ଡିଜିଟାଲ୍ କ୍ଷେତ୍ରର ଆବଶ୍ୟକତା ଉପରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱ ପ୍ରଦାନ କରିଛନ୍ତି । ମୁମ୍ବାଇରେ ଆଜି ସହକାର ନବକ୍ରାନ୍ତି ସମାରୋହକୁ ସମ୍ବୋଧନ କରି ଶ୍ରୀ ଶାହା’ ସାଇବର ଏବଂ ଆର୍ଥିକ ଅପରାଧର ମୁକାବିଲାପାଇଁ ଜାତୀୟ ଫୋରେନ୍‌ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ସହଯୋଗ ଉପରେ ଆଲୋକପାତ କରିଛନ୍ତି । ସାମ୍ପ୍ରତିକ ସମାଜରେ ଡିଜିଟାଲ୍ ଠକେଇ ବୃଦ୍ଧି ପାଉଛି । ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ଫୋରେନ୍‌ସିକ୍ ସହାୟତା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଶାହା କହିଛନ୍ତି । ସମବାୟ ବ୍ୟାଙ୍କ୍‌ଗୁଡ଼ିକ ଜାତୀୟ ସହରାଞ୍ଚଳ ସମବାୟ ଅର୍ଥିକ ଏବଂ ବିକାଶ ନିଗମ – NUCFDCରେ ସାମିଲ୍ ହେବାକୁ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି । ଆଧୁନିକ, ସ୍ୱଚ୍ଛ ତଥା ବିଶ୍ୱସ୍ତ ସହରାଞ୍ଚଳ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଏହା ଅଧିକ ସଶକ୍ତ କରିବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି ।

***Voice (Shah)*** :........

NUCFDCର ମୁଖ୍ୟାଳୟ ଖୁବ୍‌ଶୀଘ୍ର ଦିଲ୍ଲୀରୁ ମହାରାଷ୍ଟ୍ରକୁ ସ୍ଥାନାନ୍ତରିତ ହେବ ବୋଲି ଶ୍ରୀ ଶାହା ସୂଚନା ପ୍ରଦାନ କରିଛନ୍ତି । କାରଣ ମହାରାଷ୍ଟ୍ର, ଗୁଜରାଟ, ଗୋଆ ଏବଂ କର୍ଣ୍ଣାଟକ ମିଳିତ ଭାବରେ ଦେଶର ସହରାଞ୍ଚଳ ସମବାୟ ବ୍ୟାଙ୍କ୍‌ର ୭୦ ପ୍ରତିଶତ କାରବାର କରିଥା'ନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ମୁମ୍ବାଇର ପୋର୍ଟ ଅଞ୍ଚଳରେ ଶ୍ରୀ ଶାହା ଆଜି NUCFDCର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜାତୀୟ ଫୋରେନ୍‌ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ଏବଂ NUCFDC ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିଭିନ୍ନ ସେବା ସମ୍ପର୍କିତ ଏକ ସମନ୍ୱିତ ପଦକ୍ଷେପ "ବ୍ୟାଙ୍କ୍ ଇନ୍ ଏ ବକ୍ସ" ବ୍ୟବସ୍ଥାର ଶ୍ରୀ ଶାହା ଶୁଭାରମ୍ଭ କରିଛନ୍ତି । ଅପରେସନାଲ୍ ରିସ୍କ୍ ମ୍ୟାନେଜମେଣ୍ଟ ଏବଂ ରିଜିଲିଏନ୍ସ ଉପରେ ଏକ କଫି ଟେବୁଲ୍ ପୁସ୍ତକକୁ ମଧ୍ୟ ଶ୍ରୀ ଶାହା ଉନ୍ମୋଚନ କରିବା ସହ ୬ଟି ସମବାୟ ବ୍ୟାଙ୍କର ପ୍ରତିନିଧିଙ୍କୁ ସମ୍ମାନିତ କରିଛନ୍ତି ।

## ସି.ଜେ.ଆଇ. - ଏମ୍.ପି.

ନ୍ୟାୟ ପାଇବାପାଇଁ ଦେଶବାସୀଙ୍କ ପ୍ରୟାସ ଅପେକ୍ଷା ସେମାନଙ୍କ ପାଖରେ ନ୍ୟାୟ ପହଞ୍ଚିବା ଉପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମଧ୍ୟପ୍ରଦେଶର ଇନ୍ଦୋରରେ ଆଜି ଜାତୀୟ ଆଇନସେବା ପ୍ରାଧିକରଣର ପଶ୍ଚିମ ଜୋନ୍ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ

କରି ପ୍ରଧାନ ବିଚାରପତି ଏହା କହିଛନ୍ତି । ଆଲୋଚନା, ସମ୍ମାନବୋଧ ଏବଂ ସମାବେଶୀ ପ୍ରକ୍ରିୟା ସାମ୍ବିଧାନିକ ପ୍ରତିଶ୍ରୁତିକୁ ବ୍ୟାବହାରିକ ଅର୍ଥ ପ୍ରଦାନ କରିଥାଏ ବୋଲି ପ୍ରଧାନ ବିଚାରପତି କହିଛନ୍ତି । ଦୂରତ୍ୱ ହ୍ରାସ କରି ଆଇନଗତ ସହାୟତାର ପରିସରକୁ ଅଧିକ ବ୍ୟାପକ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏ ଦିଗରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିବ । ଟେଲି-ଲ’ ଭଳି ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି, ଏହା ମାଧ୍ୟମରେ ଏକକୋଟିରୁ ଅଧିକ ପ୍ରାକ୍ ମକଦ୍ଦମାଜନିତ ପରାମର୍ଶ ପ୍ରଦାନ କରାଯାଇପାରିଛି । ଦୂରଦୂରାନ୍ତ ଏବଂ ଜନଜାତି ଅଞ୍ଚଳରେ ମୋବାଇଲ୍ ମାଧ୍ୟମରେ ଆଇନ ସହାୟତା ପରାମର୍ଶ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଧାନ ବିଚାରପତି କହିଛନ୍ତି । ଆଇନ ସଚେତନତା’ ଶବ୍ଦାବଳୀ ଅପେକ୍ଷା ଜନାଦୃତ ଭାଷାରେ ପ୍ରକାଶ କରାଯିବା ଉଚିତ । ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଂଶୀଦାର ସ୍ଥାନୀୟ ସମ୍ପ୍ରଦାୟଙ୍କଠାରୁ ଏହି ଭାଷା ଶିକ୍ଷା କରିବା ଉପରେ ପ୍ରଧାନ ବିଚାରପତି ପରାମର୍ଶ ଦେଇଛନ୍ତି ।

## ବ୍ରିକ୍ସ - ଭୋପାଳ

ମଧ୍ୟପ୍ରଦେଶର ଭୋପାଳଠାରେ ଏକାଦଶ ବ୍ରିକ୍ସ ସଂସ୍କୃତି ମନ୍ତ୍ରୀଙ୍କ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ବୈଠକ ପରେ ଘୋଷଣାନାମା ପ୍ରକାଶ ପାଇଛି । ବ୍ରିକ୍ସ ସଦସ୍ୟ

ତଥା ଅଂଶୀଦାର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସାଂସ୍କୃତିକ ସହଯୋଗ ଅଧିକ ସୁଦୃଢ଼ କରିବା ଏହି ଘୋଷଣାନାମାର ମୂଳଲକ୍ଷ୍ୟ । ବୈଠକରେ ୧୦ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଏବଂ ୪ଟି ଅଂଶୀଦାର ଦେଶର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ବୈଠକରେ ସାଂସ୍କୃତିକ ଓ ସୃଜନଶୀଳ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଅଂଶଗ୍ରହଣକାରୀ ମତ ବିନିମୟ କରିଛନ୍ତି । କଳାକାରଙ୍କପାଇଁ ବ୍ୟାପକ ବଜାର କ୍ଷେତ୍ର ସୃଷ୍ଟି ଏବଂ ଡିଜିଟାଲ୍ ପ୍ଲାଟ୍‌ଫର୍ମର ବ୍ୟବହାର ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ସଦସ୍ୟ ରାଷ୍ଟ୍ରଗୁଡ଼ିକର କଳାକାରଙ୍କ ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ବୃତ୍ତିଗତ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏକ ସ୍ୱେଚ୍ଛାସେବୀ କଳାକାର ପଞ୍ଜୀକରଣ ସଂକ୍ରାନ୍ତ ପାଇଲଟ୍ ପ୍ରକଳ୍ପ ସମ୍ପର୍କରେ ଭାରତ ଘୋଷଣା କରିଛି । ସାମ୍ପ୍ରତିକ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ମଧ୍ୟରେ କଳାକାରଙ୍କ ଅଧିକାର ଏବଂ ସତ୍ତ୍ୱାଧିକାର କାର୍ଯ୍ୟର ନ୍ୟାୟସଙ୍ଗତ ବ୍ୟବହାର ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ପାରମ୍ପରିକ ଜ୍ଞାନ, ଭାଷା, ଲୋକସଙ୍ଗୀତ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷା ଦେବାନେଇ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

# ଭି.ପି. - ଏ.ଏନ୍. ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜକୁ ଦୁଇଦିନିଆ ଗସ୍ତରେ ଯାଇ ଆଜି ଶ୍ରୀବିଜୟପୁରମ୍‌ଠାରେ ପହଞ୍ଚିଛନ୍ତି । ଆଇ.ଏନ୍.ଏସ୍. ଉତ୍‌କ୍ରୋଶ୍‌ଠାରେ ପହଞ୍ଚିବା ପରେ ଉପରାଷ୍ଟ୍ରପତିଙ୍କୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଛି । ଉପରାଷ୍ଟ୍ରପତି ଆଜି ସନ୍ଧ୍ୟାରେ ଜାତୀୟ ସ୍ମାରକୀ ସେଲୁଲାର ଜେଲ୍‌ରେ ପହଞ୍ଚି ସହିଦ୍ ସ୍ମୃତିସ୍ତମ୍ଭରେ ସ୍ୱତନ୍ତ୍ରତା ଜ୍ୟୋତି ପ୍ରଜ୍ୱଳନ କରି ବୀର ସହିଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ଶ୍ରୀ ରାଧାକ୍ରିଷ୍ଣନ୍ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସବରକର ରହୁଥିବା ବନ୍ଦୀଶାଳା ପରିଦର୍ଶନ କରିବା ସହ ସେଲୁଲାର ଜେଲ୍‌ର ସେଣ୍ଟ୍ରାଲ୍ ଟାୱାର, ୱାର୍କସେଡ୍, ଫାଶୀଖୁଣ୍ଟ ଏବଂ ମ୍ୟୁଜିୟମ୍ ପ୍ରଦର୍ଶନୀ ଗ୍ୟାଲେରୀ ବୁଲି ଦେଖିବେ । ଜାତୀୟ ସ୍ମାରକୀ ସେଲୁଲାର୍ ଜେଲ୍‌ରେ ପହଞ୍ଚି ପରିଦର୍ଶକ ପୁସ୍ତକରେ ସ୍ୱାକ୍ଷର କରିବେ । ଆସନ୍ତାକାଲି ଉପରାଷ୍ଟ୍ରପତି ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ୍ ହୋଇ ଶ୍ରୀବିଜୟପୁରମ୍‌ର ପତାକା ସ୍ଥଳୀରେ ଜାତୀୟ ପତାକା ଉତ୍ତୋଳନ କରିବେ ।

## ଇଣ୍ଡିଆ ୩୦୦ ଗିଗାୱାଟ୍ ଇଲେକ୍ଟ୍ରିସିଟି

ଭାରତ ୩୦୦ ଗିଗାୱାଟ୍ କ୍ଷମତାସମ୍ପନ୍ନ ଅଣଜୀବାଶ୍ମ ଇନ୍ଧନଭିତ୍ତିକ ଶକ୍ତିକ୍ଷେତ୍ର ସ୍ଥାପନ କରି ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନୂତନ ଓ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ଏହି ଶକ୍ତି ଉତ୍ପାଦନ ଗତ ୧୨ ବର୍ଷ ମଧ୍ୟରେ ୪୦୦ ପ୍ରତିଶତ କ୍ଷମତା ବୃଦ୍ଧି ପାଇଛି । ଅଣଜୀବାଶ୍ମ ଇନ୍ଧନର ଉତ୍ପାଦନ କ୍ଷମତା ବୃଦ୍ଧି ବୈଶ୍ୱିକ ସ୍ତରରେ ଭାରତର ସ୍ୱଚ୍ଛଶକ୍ତି ପରିବର୍ତ୍ତନକୁ ପ୍ରତିପାଦନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣ କ୍ଷେତ୍ରରେ ଗ୍ରହଣ କରୁଥିବା ପଦକ୍ଷେପକୁ ଏହା ପ୍ରତିଫଳିତ କରୁଛି ବୋଲି ଶ୍ରୀ ଯୋଶୀ କହିଛନ୍ତି ।

## ସୋନୋୱାଲ୍ - ପୋର୍ଟ ସିକ୍ୟୁରିଟି କନ୍‌ଫରେନ୍ସ

ନାବିକଙ୍କ ସୁରକ୍ଷା, ସମ୍ମାନ ଏବଂ ସହଯୋଗକୁ ସୁନିଶ୍ଚିତ କରିବା ନେଇ ସରକାର ଅଙ୍ଗୀକାରବଦ୍ଧ ବୋଲି ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ କହିଛନ୍ତି । ମୁମ୍ବାଇରେ ନାବିକଙ୍କ ସୁରକ୍ଷା, ସାମୁଦ୍ରିକ ସୁରକ୍ଷା ଏବଂ କଲ୍ୟାଣ ଉପରେ ଆଧାରିତ ଏକ ଜାତୀୟ ଆଲୋଚନାଚକ୍ରକୁ

ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସୋନୋୱାଲ୍ କହିଛନ୍ତି, ଦେଶର ସାମୁଦ୍ରିକ ଅଭିବୃଦ୍ଧି କାହାଣୀର କେନ୍ଦ୍ରରେ ନାବିକମାନେ ହିଁ ରହିଛନ୍ତି । ବିଶ୍ୱ ସ୍ତରରେ ଭାରତ ଏକ ପ୍ରମୁଖ ନୌବାହୀ ରାଷ୍ଟ୍ରଭାବେ ଉଭା ହେଉଛି ବୋଲି ଶ୍ରୀ ସୋନୋୱାଲ୍ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୋନୋୱାଲ୍ ଏକ ଡିଜିଟାଲ୍ ସାମୁଦ୍ରିକ ଶାସନ ପ୍ଲାଟ୍‌ଫର୍ମ ଇ-ସମୁଦ୍ରର ଶୁଭାରମ୍ଭ କରିଥିଲେ । ନାବିକ, ଜାହାଜ କମ୍ପାନୀ, ବନ୍ଦର, ସେବା ପ୍ରଦାନକାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ସୁଗମ, ସ୍ୱଚ୍ଛ ଓ ତ୍ୱରିତ ସେବା ପ୍ରଦାନ କରାଯାଇପାରିବ ।

## ଆଇ.ଏ.ଏଫ୍. - ଇଣ୍ଡିପେଣ୍ଡେନ୍ସ ଡେ

ଦେଶ ସ୍ୱାଧୀନତା ସ୍ମୃତି ଉଦ୍ଦେଶ୍ୟରେ ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଭାରତୀୟ ବାୟୁସେନାର ବାଦ୍ୟ ପରିବେଷଣ କରାଯିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି, ଏହି ଦେଶପ୍ରେମ ବାଦ୍ୟ ପରିବେଷଣର ଉଦ୍ଦେଶ୍ୟ ହେଉଛି ଜାତୀୟ ଗୌରବକୁ ଉଜ୍ଜୀବିତ କରିବା । ଏହାଦ୍ୱାରା ଦେଶବାସୀ ଜାତୀୟ ଗାନ "ବନ୍ଦେ ମାତରମ୍"ର ୧୫୦ ବର୍ଷ ପୂର୍ତ୍ତି ପାଳନ କରିବେ । ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହି ସଙ୍ଗୀତ ଦଳରେ ୩୨ ଜଣ ଏୟାରମେନ୍ ଏବଂ ୩ ଜଣ ମହିଳାଙ୍କ ସମେତ ୮ ଜଣ ଅଗ୍ନିବୀରବାୟୁ ଅଂଶଗ୍ରହଣ କରିବେ । ମାଷ୍ଟର ୱାରାଣ୍ଟ ଅଧିକାରୀ ଏ. ଶ୍ରୀହରି

କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳନା ଦାୟିତ୍ୱ ନିର୍ବାହ କରିବେ । ଶ୍ରୀ ଶ୍ରୀହରିଙ୍କୁ କନିଷ୍ଠ ଓ୍ୱାରାଣ୍ଟ ଅଧିକାରୀ ମୁନ୍ ଡେକା, ଅଭିଷେକ ପଲ୍ ଏବଂ ସର୍ଜେଣ୍ଟ ଏନ୍.ଟି. ସିଂହ ସହଯୋଗ କରିବେ ।

*****